## ୨ଦିନରେ ୧,୦୮୦ଙ୍କୁ ଟିକା

ଖଇରା,(ଡି.ଏନ.ଏ.): ବାଲେଶ୍ୱର ଜିଲାର ଖଇରା କଲେଜରେ ୨ଦିନ ଧରି ଚାଲିଥିବା ଟିକାକରଣ କାର୍ଯ୍ୟକ୍ରମରେ ୧ହଜାର ୮୦ଜଣ ଟୀକା ନେଇଛନ୍ତି। ଏହି ପ୍ରକ୍ରିୟାରେ ବିପିଏମ ସୂର୍ଯ୍ୟକାନ୍ତ ବାରିକ, ସୁପରଭାଇଜର ମୁକ୍ତିକାନ୍ତ ପଣ୍ଡା, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରିଣୀ ସଞ୍ଜୁକ୍ତା ପଣ୍ଡା, ପ୍ରସନ୍ନଜିତ ସାମଲ, ଭାଗ୍ୟଶ୍ରୀ ନାୟକ, ରବୀନ୍ଦ୍ର ପାଲ ପ୍ରମୁଖ ସହାୟତା କରିଥିଲେ।

# ପ୍ରତିବର୍ଷ ହାତୀ ଭାଙ୍ଗୁଛି ଘର

ଯୋଡା/ଚମ୍ପୁଆ,୨୩।୬(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ୍ ଅନ୍ତର୍ଗତ କୋଦଗାଡିଆ ଗ୍ରାମରେ ମଙ୍ଗଳବାର ରାତି ସାଢେ ୮ଟାରେ ହାତୀପଲ ଆସି ଉପଦ୍ରବ କରି ୪ ଘର ଭାଙ୍ଗିଛନ୍ତି। ଲୋକଙ୍କ ଘର ଭାଙ୍ଗିବା ପରେ ଗ୍ରାମରେ ଆତଙ୍କ ଖେଳିଯାଇଛି । ପ୍ରତିବର୍ଷ ଏପରି ହାତୀପଲ ଆସି ବ୍ୟାପକ ଘର ଭାଙ୍ଗିଚାଲିଛନ୍ତି। ମାତ୍ର ବନ ବିଭାଗର ଖାମଖିଆଲି ଯୋଗୁ ଅବସ୍ଥା ସୁଧୁରୁନାହିଁ। ଲୋକେ ଘର ଭଙ୍ଗାର କ୍ଷତିପୂରଣ ପାଇବାରୁ ବଞ୍ଚିତ ହେଉଛନ୍ତି। ସୁଚନା ଅନୁଯାୟୀ, ମଙ୍ଗଳବାର ରାତିରେ ୨୩ ଗୋଟି ହାତୀ ଗ୍ରାମରେ ପଶି ଉପଦ୍ରବ ରଚିଥିଲେ। ଏହି ଉପଦ୍ରବରେ ଗ୍ରାମର ଜଙ୍ଗଲକଡ଼ରେ ଥିବା ଶିବନାଥ ମହାନ୍ତଙ୍କ ଘରକୁ ହାତୀପଲ ସମ୍ପୂର୍ଣ୍ଣ ଭାଙ୍ଗିଦେଇ



ହାତୀ ଭାଙ୍ଗିଥିବା ଘର।

ଧାନଚାଉଳ ଖାଇଦେଇଥିଲେ। ତେବେ ହାତୀପଲ ଆସିବା ଜାଣି ଶିବନାଥଙ୍କ ପରିବାରକୁ ବନ ବିଭାଗ ପକ୍ଷରୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା । ହାତୀପଲ ପ୍ରାୟ ଏକ ଘଣ୍ଟା ଧରି ଗ୍ରାମର ବିଭିନ୍ନ ସ୍ଥାନରେ ଉତ୍ପାତ ଚଳାଇଥିଲେ। ଅନ୍ୟ

### ମିଳୁନି କ୍ଷତିପୂରଣ

ଗ୍ରାମବାସୀଙ୍କ ମଧ୍ୟରେ ମହେଶ୍ୱର ନାଏକ, ଅକ୍ଷୟ ବାରିକ, ଚକ୍ର ବାରିକଙ୍କ ଘର ଆଂଶିକ ଭାଙ୍ଗିଥିବା ଜଣାପଡ଼ିଛି। ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ଗତ ବର୍ଷ ମଧ ହାତୀ ଉପଦ୍ରବରେ ଶିବନାଥଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିଲା। ଏପର୍ଯ୍ୟନ୍ତ ତାଙ୍କୁ ବନବିଭାଗ କ୍ଷତିପୂରଣ ପ୍ରଦାନ କରି ନ ଥିବାବେଳେ ବହୁକଷ୍ଟରେ ମରାମତି କରିଥିବା ଘରକୁ ଆଉଥରେ ହାତୀପଲ ଭାଙ୍ଗିଦେଇଥିବାରୁ ସେ ନିରାଶ୍ରୟ ହୋଇପଡ଼ିଛନ୍ତି। ଏ ସମ୍ପର୍କରେ ଚମ୍ପୁଆ ବନପାଳ ପିଅନ ନାଏକ କହିଛନ୍ତି, ହାତୀ ଗତିବିଧି ଲକ୍ଷ୍ୟ ରଖିବା ପାଇଁ ସ୍ୱତନ୍ତ୍ରଭାବେ ଦୃଷ୍ଟି ଦିଆଯାଉଛି । ହାତୀ ଘଉଡାଇବା ପାଇଁ ସ୍କ୍ୱାଡ ଓ ବନ କର୍ମଚାରୀମାନେ ନିୟୋଜିତ ଅଛନ୍ତି।

# ଖାଦ୍ୟ ଅନ୍ୱେଷଣରେ ଗାଁରେ ଦନ୍ତା



କରୁଣାକର ପାଣିଗ୍ରାହୀଙ୍କ ବାଡିରେ ପଶିଥିବା ଦନ୍ତା।

ଖଇରା, ୨୩।୬(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବର୍ତ୍ତନା ଅଞ୍ଚଳକୁ ଖାଦ୍ୟ ଅନ୍ୱେଷଣରେ ଏକ ଦନ୍ତା ପଶି ଆସିଥିବା ବେଳେ ବନବିଭାଗ ଉଦ୍ୟମରେ ତାଙ୍କୁ ପ୍ରଥମେ ବଣିଆପଙ୍କ ଓ ପରେ ହଦଗଡ ଜଙ୍ଗଲକୁ ଘଉଡାଇ ଦିଆଯାଇଛି । ହାତୀଟି ରାତିରେ ଗଣିଜାଙ୍ଗ ସନ୍ଧାଡ ଅଞ୍ଚଳ ଦେଇ ବର୍ତ୍ତନା ଗ୍ରାମର କରୁଣାକର ପାଣିଗ୍ରାହୀଙ୍କ ବାଡି ଭିତରେ ପ୍ରବେଶ କରିଥିଲା । ପରେ କୁପାରୀ ଫରେଷ୍ଟର ସୌମ୍ୟରଞ୍ଜନ ମାଝି ଓ ଗାର୍ଡ ସଞ୍ଜୟ କୁମାର ମହାନ୍ତି ସବୁଜ ବାହିନୀ ସଦସ୍ୟଙ୍କ ସହାୟତାରେ ତାକୁ ବୁଧବାର ସକାଳେ ପ୍ରଥମେ ବଣିଆପଙ୍କ ଜଙ୍ଗଲକୁ ଘଉଡାଇ ଦେଇଥିଲେ। ସନ୍ଧ୍ୟାରେ କେନ୍ଦୁଝର ବନ କର୍ମଚାରୀଙ୍କ ପ୍ରଚେଷ୍ଟାରେ ହଦଗଡ ଜଙ୍ଗଲକୁ ବାହୁଡି ଯାଇଥିବାର ଜଣା ଯାଇଛି ।

## ସଂକ୍ଷେପରେ

### ରଥଯାତ୍ରା ଦାବିରେ ଧାରଣା

ବାରିପଦା ଅଫିସ, ୨୩।୬: ବାରିପଦାସ୍ଥିତ ହରିବଳଦେବଜୀଉଙ୍କ ରଥ ନିର୍ମାଣ କାର୍ଯ୍ୟ ଚାଲୁ ରଖିବା ସହ କୋଭିଡ କଟକଣା ମଧ୍ୟରେ ରଥଯାତ୍ରା ସମ୍ପନ୍ନ କରିବାକୁ ନେଇ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣା ଦିଆଯାଇଛି। ଓଡ଼ିଆ ଜାଗରଣ ମଞ୍ଚ ପକ୍ଷରୁ ଏହି ଧାରଣା ୫ଦିନ ଧରି ଦିଆଯିବ ବୋଲି ଜଣାପଡିଛି। ମଞ୍ଚର ସଭାପତି ଶରତ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ଧାରଣା ଦେଉଛନ୍ତି । ଏ ସମ୍ପର୍କରେ ଜିଲାପାଳଙ୍କ ସହ ଆଲୋଚନା କରିବା ପରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ବରିଷ୍ଠ ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। ସେହିପରି ମଙ୍ଗଳବାର ଭାଜପା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଜିଲା ଭାଜପା(ପୂର୍ବ) ସଭାପତି କାନ୍ଦରା ସୋରେନଙ୍କ ନେତୃତ୍ୱରେ ଏମ୍‌ପି ଇଂ. ବିଶ୍ୱେଶ୍ୱର ଟୁଡୁ, ପଶ୍ଚିମ ଜିଲା ସଭାପତି ତଥା ରାଇରଙ୍ଗପୁର ବିଧାୟକ ନବଚରଣ ମାଝୀ, ଭାଜପା ରାଜ୍ୟ ସମ୍ପାଦକ ନବୀନ ରାମ, କାର୍ଯ୍ୟକାରିଣୀ ସଦସ୍ୟ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସମେତ କର୍ମକର୍ତ୍ତା ଘଣ୍ଟ ବଜାଇ ଏଠାରେ ରଥଯାତ୍ରା ବନ୍ଦ ଘୋଷଣାର ପ୍ରତିବାଦ କରିଛନ୍ତି।

### ହୋଟେଲ କ୍ୟାଶ୍ କାଉଣ୍ଟରରୁ ଚୋରି, ଅଭିଯୁକ୍ତ ଗିରଫ

ବଡବିଲ, ୨୩।୬(ସ୍ୱ.ପ୍ର.): କେନ୍ଦୁଝର ଜିଲା ବଡବିଲ ଥାନା ଅଧୀନ ଏକ ହୋଟେଲର କାଚ ଭାଙ୍ଗି କ୍ୟାଶ କାଉଣ୍ଟରରୁ ଟଙ୍କା ଚୋରି ହୋଇଥିବାବେଳେ ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ବୁଧବାର ଗିରଫ କରିଛି। ସେ ହେଲେ ବଡବିଲ ନିୟୁ ମାର୍କେଟ, ଡ୍ରେସିଂ ହଟିଂ ଅଞ୍ଚଳର ସାନୁ ସିଂହ। ବଡ଼ବିଲ ପୋଲିସ ଏନେଇ ଏକ ମାମଲା (୧୦୫/୨୦୨୧) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତାଙ୍କ ଠାରୁ ୧ଲକ୍ଷ ୪ ହଜାର ଟଙ୍କା ଜବତ କରିଥିଲା।

### ଶ୍ୟାମାପ୍ରସାଦଙ୍କ ବଳିଦାନ ଦିବସ

ବାଲେଶ୍ୱର ଅଫିସ/ସଜନାଗଡ/ଭଣ୍ଡାରିପୋଖରୀ, ୨୩।୬(ଡି.ଏନ.ଏ.): ଭାରତୀୟ ଜନସଂଘର ପ୍ରତିଷ୍ଠାତା ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ବିଭିନ୍ନ ସ୍ଥାନରେ ପାଳିତ ହୋଇଯାଇଛି। ବାଲେଶ୍ୱର ଜିଲା ଭାଜପା କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାସଭାପତି ଉମାକାନ୍ତ ମହାପାତ୍ର ଅଧକ୍ଷତା କରିଥିଲେ। ବାଲେଶ୍ୱର ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ସ୍ମୃତିଚାରଣ କରିଥିଲେ। ସଦର ଭାଜପା କାର୍ଯ୍ୟାଳୟରେ ମଧ ରାଜ୍ୟ ଭାଜପା ଯୁବମୋର୍ଚ୍ଚା ଉପସଭାପତି ମାନସ କୁମାର ଦତ୍ତଙ୍କ ତତ୍ତ୍ୱାବଧାନରେ ବଳିଦାନ ଦିବସ ପାଳିତ ହୋଇଥିଲା। ନୀଳଗିରିରେ ମଧ ବଳିଦାନ ଦିବସ ଉପଲକ୍ଷେ ବାଲେଶ୍ୱର ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଓ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକଙ୍କ ଉପସ୍ଥିତିରେ ରକ୍ତଦାନ ଶିବିର, ବୃକ୍ଷରୋପଣ କାର୍ଯ୍ୟକ୍ରମ, ଜୀବନୀ କାହାଣୀ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସେହିପରି ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଭାଜପା କାର୍ଯ୍ୟାଳୟରେ ପାଳିତ ବଳିଦାନ ଦିବସରେ ମଣ୍ଡଳ ସଭାପତି ଗିରିଶ ସାମଲ ସଭାପତିତ୍ୱ କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଦ୍ରୀନାରାୟଣ ଧଳ ପ୍ରମୁଖ ଯୋଗ ଦେଇ ସ୍ମୃତିଚାରଣ କରିଥିଲେ।

### ଚୋରି ଗହଣା ଜବତ, ୨ ଗିରଫ

ସୋର, ୨୩।୬(ଡି.ଏନ.ଏ.): ବାଲେଶ୍ୱର ଜିଲା ସୋର ଥାନା ଅଧୀନ ସୋର-କୁପାରୀ ରାସ୍ତାର ବ୍ରାହ୍ମଣସାହିରେ ଗତ ୧୬ତାରିଖ ବିଳମ୍ବିତ ରାତିରେ ସୂର୍ଯ୍ୟକାନ୍ତ ପଣ୍ଡାଙ୍କ ଘରୁ ୨୦ଲକ୍ଷ ଟଙ୍କାର ଗହଣା ଚୋରି ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଏନେଇ ସୂର୍ଯ୍ୟକାନ୍ତ ୧୭ତାରିଖରେ ସୋର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ସନ୍ଧାନୀ କୁକୁର ସହିତ ସାଇଣ୍ଟିଫିକ୍ ଟିମ୍ ସହିତ ତଦନ୍ତ କରିଥିଲା। ଉକ୍ତ ଘଟଣାରେ ଥାନା ଅଧିକାରିଣୀ ମଧୁମିତା ମହାନ୍ତିଙ୍କ ନେତୃତ୍ୱରେ ଏଏସ୍‌ଆଇ ପ୍ରଦୀପ ମହାନ୍ତି, ପି. କାଲୁ ଏକ ଟିମ୍ ଦ୍ୱାରା ଭଦ୍ରକ ପୁରୁଣାବଜାର ଗହଣା ବ୍ୟବସାୟୀ ଅନ୍ତର୍ଯ୍ୟାମୀ ପୁଥାଲଙ୍କ ଘର ଉପରେ ଚଢାଉ କରିଥିଲେ। ତାଙ୍କ ପାଖରୁ ଚୋରି ଗହଣା ଜବତ କରାଯାଇଛି। ତାଙ୍କୁ ଗିରଫ କରାଯିବା ସହିତ ମୁଖ୍ୟ ଅଭିଯୁକ୍ତ ବାସୁଦେବପୁର ଅଞ୍ଚଳର ସେକ ରିଆଉଦ୍ଦିନଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସେମାନଙ୍କଠାରୁ ୧୦ଲକ୍ଷ ଟଙ୍କାର ସୁନାଗହଣା ଓ ୪ଟି ମୋବାଇଲ ଜବତ କରାଯାଇଛି। ଗତ ୧୬ତାରିଖରେ ଦୁର୍ବୃତ୍ତମାନେ ସେକ ରିଆଉଦ୍ଦିନଙ୍କ ସ୍କାଏଲାଇଟ୍ ଦେଇ ଘରେ ପଶି ଦମ୍ପତ୍ତି ଶୋଇଥିବା ଅବସ୍ଥାରେ ନିଶା ସ୍ପ୍ରେ କରି ଆଲମିର ଭାଙ୍ଗି ସମସ୍ତ ଗହଣା ଲୁଟି ନେଇଥିଲେ।

# ପ୍ରଧାନ ଶିକ୍ଷକ ନିଲମ୍ବିତ

ବାହାନଗା, ୨୩।୬(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖନ୍ତାପଡା ପଞ୍ଚାୟତର ପଦାଗାଁସ୍ଥିତ ଅନ୍ନଦା ପ୍ରସାଦ ନୋଡାଲ ବିଦ୍ୟାଳୟରେ କରୋନା ମହାମାରୀ ସମୟରେ ସରକାରଙ୍କ ତରଫରୁ ପ୍ରଦାନ କରାଯାଉଥିବା ମଧ୍ୟାହ୍ନଭୋଜନ ସହାୟତା ରାଶିକୁ ହଡପ ଅଭିଯୋଗ ହେବା ପରେ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ବ୍ଲକ ଶିକ୍ଷାଧିକାରୀ ନିଲମ୍ବିତ କରିଛନ୍ତି। ଅଭିଯୋଗର ପ୍ରାଥମିକ ତଦନ୍ତ ଆଧାରରେ ଭାରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ ଧରଣୀଧର ପାତ୍ରଙ୍କ ଚିଠି ନମ୍ବର ୯୪୭ରେ ତା୨୩।୬।୨୦୨୧ରିଖରେ

### ମଧ୍ୟାହ୍ନଭୋଜନ ସହାୟତା ରାଶି ହଡ଼ପ ଅଭିଯୋଗ

ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ମଙ୍ଗଳବାର ଅଭିଭାବକ ରୁକ୍ମଣୀ ସିଂ, ଝରଣା ଦାସ, ତପନ ସେଠୀ, ସଞ୍ଜୁଲତା ଦାସ, ସରସ୍ୱତୀ ବାରିକ, ଜୟନ୍ତୀ ମହାଳିକ, ଜିତେନ୍ଦ୍ର ମହାନ୍ତି, ପୁଷ୍ପାଞ୍ଜଳି ଶିଅଳ, ସରସ୍ୱତୀ ସିଂ, ପ୍ରଦୀପ କୁମାର ବେହେରା ପ୍ରମୁଖ ବିଦ୍ୟାଳୟର ପ୍ରଧାନଶିକ୍ଷକ ଲକ୍ଷ୍ମଣ ସିଂ ଓ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟମାନଙ୍କୁ ପିଲାମାନଙ୍କ ସହାୟତା ଟଙ୍କା କାଟିବା ବାବଦରେ ପଚାରିବାରୁ ଘଟଣା ସମ୍ପର୍କରେ ଜଣାପଡିଥିଲା।

# ରଜନୀଙ୍କ ଲାଗି ସହଯୋଗର ହାତ

### ଧରିତ୍ରୀ ପ୍ରଭାବ

ସିମୁଳିଆ, ୨୩।୬(ଡି.ଏନ.ଏ.)

ସିମୁଳିଆ ବ୍ଲକ ମୁରୁଣା ପଞ୍ଚାୟତ ରାଉତପଡ଼ା ଅଞ୍ଚଳର ଅସହାୟ ରଜନୀଙ୍କ ସମ୍ପର୍କରେ ଗତ ରବିବାର ‘ଧରିତ୍ରୀ’ ରେ ‘ଦିବ୍ୟାଙ୍ଗ ଝିଅ ସହ ରାହା ଖୋଜୁଛନ୍ତି ରଜନୀ’ ଶୀର୍ଷକରେ ଖବର ପ୍ରକାଶ ପାଇଥିଲା । ବରିଷ୍ଠ ଆଇନଜୀବୀ ନୀଳିମା ପାଢ଼ୀ ତାଙ୍କୁ ଆଇନଗତ ସମସ୍ତ ସୁବିଧା ସହଯୋଗ ଯୋଗାଇ ଦେବେ ବୋଲି ସୂଚନା ଦେଇଛନ୍ତି। ସେହିପରି ‘ପ୍ରୟାସ ଟ୍ରଷ୍ଟ’ର ଅଧକ୍ଷ ସଞ୍ଜୟ ସେଠୀ ରଜନୀଙ୍କୁ ଘର ଯୋଗାଇ ଦିଆଯିବ ବୋଲି ସୂଚନା ଦେଇଛନ୍ତି। ପୂର୍ବତନ ସମିତିସଭ୍ୟ କୃଷ୍ଣଚନ୍ଦ୍ର ବେହେରା ସ୍ଥାନୀୟ ସରପଞ୍ଚଙ୍କ ଦୃଷ୍ଟି ଆକର୍ଷଣ କରି ଉଭୟ ମା’ ଓ ଝିଅଙ୍କ ପାଇଁ ଘର ବ୍ୟବସ୍ଥା ପାଇଁ ପ୍ରଚେଷ୍ଟା କରିବେ ବୋଲି ‘ଧରିତ୍ରୀ’କୁ ସୂଚନା ଦେଇଛନ୍ତି । ଭାଜପାର ରାଜ୍ୟ ପ୍ରବକ୍ତା ଠାକୁର ରଣଜିତ୍ ଦାସ ରଜନୀଙ୍କ ଦିବ୍ୟାଙ୍ଗ ଝିଅ ସୁକାନ୍ତିଙ୍କ ଆଧାରକାର୍ଡ଼ ପାଇବା ଲାଗି ବ୍ୟବସ୍ଥା କରିବେ ବୋଲି କହିଛନ୍ତି।

# ‘ନିଆରା ବ୍ୟକ୍ତିତ୍ୱ ଥିଲେ ବେଣୁମାଧବ’

ବାଲେଶ୍ୱର ଅଫିସ, ୨୩।୬

ବାଲେଶ୍ୱରର ଅଗ୍ରଣୀ ବୈଷୟିକ ଶିକ୍ଷାନୁଷ୍ଠାନ ସତ୍ୟସାଇ ଗ୍ରୁପ ଅଫ ଇନଷ୍ଟିଚ୍ୟୁଟର ଦିବଙ୍ଗତ ଚେୟାରମ୍ୟାନ ଡ. ବେଣୁମାଧବ ପଣ୍ଡାଙ୍କ ଉଦ୍ଦେଶ୍ୟରେ ବୁଧବାର ଏକ ଶ୍ରଦ୍ଧାଞ୍ଜଳି ସଭା ଅଙ୍ଗାରଗଡ଼ିଆସ୍ଥିତ ସତ୍ୟସାଇ ଯୁକ୍ତ ୨ କଲେଜ କ୍ୟାମ୍ପସରେ ଅନୁଷ୍ଠିତ ହୋଇଯାଇଛି । ଯୁବ ସଙ୍ଗଠକ ଡ. ଶ୍ରୀମାନ ଶ୍ରୀଚନ୍ଦନଙ୍କ ସଂଯୋଜନା କରିଥିବା ବେଳେ ପୂର୍ବତନ ମନ୍ତ୍ରୀ ତଥା ବେଣୁମାଧବଙ୍କ ପିତା ପଦ୍ମଲୋଚନ ପଣ୍ଡା ଉପସ୍ଥିତ ଥିଲେ। ବେଣୁମାଧବଙ୍କ ବହୁବିଧ ପ୍ରତିଭା ସମ୍ପର୍କରେ ଉପସ୍ଥିତ ସମାଜସେବୀ, ଖବରଦାତା, ବରିଷ୍ଠ ନାଗରିକ, ସାହିତ୍ୟିକ, ଶିକ୍ଷାବିତ୍ ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ। ସଫଳ ଶିକ୍ଷାବିତ୍, ପରୋପକାରୀ, ସମାଜସେବୀ ତଥା ଯୁବବର୍ଗଙ୍କ ପାଇଁ ଆଦର୍ଶ ହୋଇଥିବା ବେଳେ ତାଙ୍କର ଅକାଳ ବିୟୋଗରେ ବାଲେଶ୍ୱରରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି ବୋଲି ବକ୍ତାମାନେ କହିଥିଲେ। ସମାଜସେବୀ




### ଶ୍ରଦ୍ଧାଞ୍ଜଳି ସଭାରେ ସ୍ମୃତିଚାରଣ

କିଶୋର ଦାସ, ବରିଷ୍ଠ ଖବରଦାତା ବିପ୍ଳବ କୁମାର ମହାନ୍ତି, ଶିଳ୍ପଦ୍ୟୋଗୀ ସଂଗ୍ରାମ ଦାସ, ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ଦାଶ, ଜିଲା କଂଗ୍ରେସ ସଭାପତି ସଞ୍ଜୀବ ଗିରି, ଯୁବନେତା ବିକ୍ରମ ପଣ୍ଡା, ଅର୍ଚ୍ଚନା ନନ୍ଦୀ, ଶ୍ରଦ୍ଧାଞ୍ଜଳି ରାୟ, ସତ୍ୟସାଇ ଇଞ୍ଜିନିୟରିଂ କଲେଜ ଅଧକ୍ଷ ଚନ୍ଦନ କୁମାର ସାମଲ, ସତ୍ୟସାଇ ଡିପ୍ଲୋମା ସ୍କୁଲର ଅଧକ୍ଷ ଯତୀନ୍ଦ୍ର କୁମାର ଦାସ ପ୍ରମୁଖ ଯୋଗଦେଇ ପ୍ରକାଶ କରିଥିଲେ। ରମାକାନ୍ତ ମହାରଣା, ଅର୍ଦ୍ଧେନ୍ଦୁ ଶେଖର ଦାସ, ଅଜୟ କୁମାର ପ୍ରଧାନ, ମାନସ ରଞ୍ଜନ ମହାନ୍ତି ପ୍ରମୁଖଙ୍କ ସମେତ ସତ୍ୟସାଇ ଇଞ୍ଜିନିୟରିଂ କଲେଜ ଓ ସତ୍ୟସାଇ ଡିପ୍ଲୋମା ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀ ଉପସ୍ଥିତ ଥିଲେ।

# ନିର୍ମାଣ ହେବ ବହୁ ପ୍ରତୀକ୍ଷିତ କୋଚିଳା ବ୍ୟାରେଜ

ଭଦ୍ରକ ଅଫିସ, ୨୩।୬

ବୈତରଣୀର ଶାଖା କୋଚିଳା ନଦୀରେ ୩୫୯.୨୮ କୋଟି ଟଙ୍କା ବ୍ୟୟରେ ଏକ ବ୍ୟାରେଜ ନିର୍ମାଣ ହେବ। ଏହି ବ୍ୟାରେଜ ନିର୍ମାଣ ସକାଶେ ଖୁବଶୀଘ୍ର ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହେବ ବୋଲି ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଜ୍ୟୋର୍ତିମୟ ରଥ ସୂଚନା ଦେଇଛନ୍ତି । ସୂଚନା ମୁତାବକ ଭୁବନେଶ୍ୱର ସେଚ ସଦନ ଠାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ବୈତରଣୀ ଓ ତା ଶାଖା ନଦୀ କୋଚିଳାର ବନ୍ୟା ନିୟନ୍ତ୍ରଣ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ବୈଠକରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଓ ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଇଂ

### ବ୍ୟୟ ହେବ ୩୫୯.୨୮ କୋଟି ଟଙ୍କା

ଜ୍ୟୋର୍ତିମୟ ରଥ, ମୁଖ୍ୟଯନ୍ତ୍ରୀ ଓ ଯାଜପୁର ଜଳସେଚନ ବିଭାଗର ନର୍ବାହୀ ଯନ୍ତ୍ରୀ ଧନେଶ୍ୱର ସାମଲ ଯୋଗ ଦେଇଥିଲେ। ବ୍ୟାରଜ ନିର୍ମାଣ ହେବା ଦ୍ୱାରା ବନ୍ୟା ଦାଉରୁ ଧାମନଗର ଅଞ୍ଚଳ ରକ୍ଷା ପାଇବା ସହ ଚାଷଜମି ଜଳସେଚନର ସୁବିଧା ହୋଇପାରିବ । ବ୍ୟାରେଜ ନିର୍ମାଣ ହେବାର ସୂଚନା ମିଳିବା ପରେ ଧାମନଗରବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଜଳସେଚନ ମନ୍ତ୍ରୀ ରଘୁନନ୍ଦନ ଦାସ, ଏମ୍‌ପି ମଣ୍ଡଳ, ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ଓ ପୂର୍ବତନ ବିଧାୟକ ମଣ୍ଡଳଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ବୈତରଣୀରେ ଭାସିଗଲେ ୪ ନାବାଳକ



ଉଦ୍ଧାର ନାବାଳକଙ୍କ ସହ ଅଗ୍ନିଶମ କର୍ମଚାରୀ।

ଆନନ୍ଦପୁର,୨୩।୬(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ବୈତରଣୀ ନଦୀରେ ବୁଧବାର ସକାଳେ ୪ ନାବାଳକ ଗାଧୋଉଥିବା ବେଳେ ସ୍ରୋତରେ ଭାସିଯାଇଥିଲେ। ଅଗ୍ନିଶମ ବିଭାଗ ସମସ୍ତଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛି। ଉକ୍ତ ନାବାଳକ ହେଲେ ବେଣୁଧର ସାହୁ(୧୬), ଦୀପକ କୁମାର ହାଂସଦା(୧୭), ରିତେଶ ସାହୁ(୧୭), ଦିପ୍ତିରଞ୍ଜନ ହାଂସଦା(୧୬)।

### ଉଦ୍ଧାର କଲା ଅଗ୍ନିଶମ ବାହିନୀ

ସେମାନେ ସମସ୍ତେ ଆନନ୍ଦପୁରସ୍ଥିତ ମାମୁ ଘରକୁ ବୁଲିବାକୁ ଆସିଥିଲେ। ଆନନ୍ଦପୁର ଡଙ୍ଗାଘାଟ ନିକଟରେ ନାବାଳକମାନେ ଗାଧୋଉଥିବା ବେଳେ ପ୍ରଖର ସ୍ରୋତରେ ଭାସିଯାଇ ଏକ ଟାପୁରେ ଲାଗିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ଆନନ୍ଦପୁର ଅଗ୍ନିଶମ ଅଧିକାରୀ ପ୍ରତାପ ସିଂଙ୍କ ନେତୃତ୍ୱରେ ଅଗ୍ନିକ ଦଳ ପହଞ୍ଚି ଦୀର୍ଘ ଦେଢ଼ଘଣ୍ଟା ଧରି ପ୍ରଚେଷ୍ଟା କରି ସମ୍ପୃକ୍ତ ନାବାଳକମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ସେମାନଙ୍କ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରିଥିଲେ। ସୂଚନାଯୋଗ୍ୟ, କିଛି ଦିନ ଧରି ଆନନ୍ଦପୁରର ଉପରମୁଣ୍ଡରେ ବର୍ଷା ପାଇଁ ନଦୀର ଜଳସ୍ତର ବୃଦ୍ଧି ପାଇଥିଲା।

# ୧୭୦ ୟୁନିଟ୍ ରକ୍ତ ସଂଗୃହୀତ

କେନ୍ଦୁଝର,୨୩।୬ (ସ୍ୱ.ପ୍ର.)

କେନ୍ଦୁଝର ଜିଲାରେ ଓଡ଼ିଶା ମୋ ପରିବାର ଓ ଜୀବନ ବିନ୍ଦୁ କାର୍ଯ୍ୟକ୍ରମରେ ସ୍ଥାନୀୟ ତୈଳିକ ସମାଜରେ ଏକ ରକ୍ତଦାନ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ମନ୍ତ୍ରୀ ତଥା ତେଲକୋଇ ବିଧାୟକ ପ୍ରେମାନନ୍ଦ ନାୟକ ଉଦ୍‌ଘାଟନ କରିଥିବାବେଳେ ଆନନ୍ଦପୁର ବିଧାୟକ ଭାଗିରଥୀ ସେଠୀ, ପାଟଣା ବିଧାୟକ ଜଗନ୍ନାଥ ନାୟକ, ଜିଲା ପରିଷଦ ଅଧ୍ୟକ୍ଷା କମଳିନୀ ପାତ୍ର, ଖଦୀବୋର୍ଡର ସଦସ୍ୟା ମୀନା ମାଝୀ, ରାଜ୍ୟ ଯୁବ ବିଜେଡି ଉପସଭାପତି ସୌମ୍ୟ ଶଙ୍କର ଚକ୍ର, ଜିଲା ବିଜେଡି ସଭାପତି ମାଧବ ସର୍ଦ୍ଦାର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିରରେ ୧୭୦ ୟୁନିଟ ରକ୍ତ ସଂଗୃହୀତ ହୋଇଛି।

# ସାର ନ ପାଇ ଫେରିଲେ ଚାଷୀ

ଚମ୍ପୁଆ, ୨୩।୬(ଡି.ଏନ.ଏ)

ଚାଷର ଉନ୍ନତି ପାଇଁ ସରକାର ବହୁବିଧ ଯୋଜନା କରୁଛନ୍ତି। କିନ୍ତୁ ଏହାର ବ୍ୟତିକ୍ରମ ଚମ୍ପୁଆ ଲ୍ୟାମ୍ପସ୍‌ରେ ଦେଖିବାକୁ ମିଳିଛି। କ୍ୟାସ ଲେସ ସିଷ୍ଟମ ବା ଫୋନ ପେ’ରେ ପେମେଣ୍ଟ ହେଲେ ସାର ଦେବୁ କହିବାରୁ ସାଧାରଣ ଚାଷୀ ପାଖରେ ଫୋନ ପେ’ ନ ଥିବାରୁ ସାର ନ ପାଇ ବହୁତ ଚାଷୀ ନିରାଶ ହୋଇ ଫେରିଛନ୍ତି। ଏପରିକି ଅନେକ ଚାଷୀଙ୍କ ପାଖରେ ଫୋନ ନ ଥିବା ବେଳେ ଫୋନ ପେ କଣ ବୋଲି ସେମାନେ ଜାଣି ନାହାନ୍ତି। କେତେକ ଚାଷୀ ଅନ୍ୟ ଲୋକଙ୍କ ଫୋନ ପେ ବ୍ୟବହାର କରି ସାର ନେଇଥିବା ଜଣାଯାଇଛି। ସୂଚନା ଅନୁସାରେ ପୂର୍ବରୁ ଆଧାର କାର୍ଡ ଦେଖାଇ ଅର୍ଥ ପଇଠ କରି ଚାଷୀ ସାର ନେଉଥିବା ବେଳେ ବୁଧବାର ସକାଳୁ ଚମ୍ପୁଆ ସମେତ ବିଭିନ୍ନ ଲ୍ୟାମ୍ପରେ ସାର ପାଇଁ ଚାଷୀଙ୍କ ଭିଡ ଦେଖାଯାଇଥିଲା। ମାତ୍ର ଲ୍ୟାମ୍ପ କର୍ତ୍ତୃପକ୍ଷ କ୍ୟାସଲେସ ବ୍ୟବସ୍ଥା ବିଷୟରେ ଚାଷୀଙ୍କୁ ଅବଗତ କରିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଥିଲା। ଏସମ୍ପର୍କରେ ଏଆରସିଏସ ସରୋଜିନୀ ଜେନା କହିଛନ୍ତି, ଆମେ ସରକାରଙ୍କ ନିୟମକୁ ପାଳନ କରୁଛୁ। କ୍ୟାସଲେସ ବର୍ତ୍ତମାନ ବାଧ୍ୟତାମୂଳକ କରାଯାଇଛି। ତେବେ ଚାଷୀ ସାର ନ ପାଇ ଫେରିଯିବା ବିଷୟରେ ପଚାରିବାରୁ ସେ କହିଛନ୍ତି, ଆମେ ଉପରିସ୍ଥ ଅଧିକାରୀଙ୍କୁ ଏ ସମ୍ବନ୍ଧରେ ଅବଗତ କରାଇଛୁ।

# ଚିଙ୍ଗୁଡ଼ି ଫାର୍ମରେ ଶ୍ରମିକଙ୍କ ମୃତ୍ୟୁ

ରୂପସା, ୨୩।୬(ଡି.ଏନ.ଏ.)

ବାଲେଶ୍ୱର ଜିଲା ସିଂଲା ଥାନା ଅଧୀନ ସଦର ବ୍ଲକର କଷାଫଳସ୍ଥିତ ଏକ ଚିଙ୍ଗୁଡ଼ି ଫାର୍ମରେ କାମ କରୁଥିବା ଜଣେ ଶ୍ରମିକଙ୍କର ମଙ୍ଗଳବାର ରାତିରେ ମୃତ୍ୟୁ ଘଟିଛି। ମୃତ ଶ୍ରମିକ ହେଲେ ଭୋଗରାଇ ଥାନା ଦିଗ୍‌ରାଶି ଗ୍ରାମର ଗୌରୀଶଙ୍କର ସାହୁ (୪୬)। ଚିଙ୍ଗୁଡ଼ି ଗାଡ଼ିଆରେ କାର୍ଯ୍ୟ କରୁଥିବା ବେଳେ ସେ ମେଶିନ ସଂସ୍ପର୍ଶରେ ଆସି ପାଣିରେ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ବୁଧବାର ବସ୍ତା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୧୬/୨୧) ରୁଜୁ ହୋଇ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଘଟଣାର ତଦନ୍ତ ପରେ ପ୍ରକୃତ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ଆଇଆଇସି ସୁବ୍ରତ କୁମାର ବେହେରା ପ୍ରକାଶ କରିଛନ୍ତି।

## ବଧୂହତ୍ୟା ଘଟଣା, ସ୍ୱାମୀ ଗିରଫ

ବାସୁଦେବପୁର, ୨୩।୬(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ସାନକୃଷ୍ଣପୁର ଗ୍ରାମର ରଘୁଛକ ସାହିରେ ଏକ ଯୌତୁକ ନିର୍ଯାତନା ସହ ହତ୍ୟା ମାମଲାରେ ବୁଧବାର କଷିଆ ସାମୁଦ୍ରିକ ଥାନା ପୋଲିସ ମୃତ ମହିଳା ଶୁଭଶ୍ରୀଙ୍କର ସ୍ୱାମୀ ଜଗନ୍ନାଥ ମଣ୍ଡଳଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ମୃତ ମହିଳାଙ୍କ ଭାଇ ଜଗନ୍ନାଥ ଜୁଆରୀଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା(ନଂ ୮୩/୨୧) ରୁଜୁ ହୋଇଛି। ପ୍ରକାଶ ଯେ, ବିବାହ ପରେ ଶୁଭଶ୍ରୀଙ୍କୁ ଶ୍ୱଶୁର ଘର ଲୋକ ଅଧିକ ଯୌତୁକ ପାଇଁ ଶାରିରିକ ଓ ମାନସିକ ନିର୍ଯାତନା ଦିଅନ୍ତି ବୋଲି ମୃତ ମହିଳାଙ୍କ ଭାଇ ଜଗନ୍ନାଥ ଜୁଆରୀ ଥାନାରେ ଦେଇଥିବା ଅଭିଯୋଗରେ ଦର୍ଶାଇଥିଲେ। ଗତ ୨୧ ତାରିଖ ଶୁଭଶ୍ରୀଙ୍କର ସନ୍ଦେହ ଜନକ ମୃତ୍ୟୁ ହୋଇଥିଲା। ଏହି ଘଟଣା ସମ୍ପର୍କରେ କଷିଆ ସାମୁଦ୍ରିକ ଥାନା ଅଧିକାରୀ ପ୍ରଦୀପ କୁମାର ମାଝୀଙ୍କୁ ପଚାରିବାରୁ ମୃତ ମହିଳାଙ୍କ ଭାଇଙ୍କ ଅଭିଯୋଗକ୍ରମେ ୪ ଜଣଙ୍କ ନାମରେ ଏକ ମାମଲା ରୁଜୁ କରି ତାଙ୍କର ସ୍ୱାମୀଙ୍କୁ ଗିରଫ କରାଯାଇଛି। ଏହି ଘଟଣାର ଅଧିକ ତଦନ୍ତ ଜାରି ରହିଛି।

# ପ୍ରମାଣପତ୍ରରେ ମୁଖ୍ୟମନ୍ତ୍ରୀଙ୍କ ଫଟୋକୁ ନେଇ ବିରକ୍ତି ପ୍ରକାଶ

ବାଲେଶ୍ୱର ଅଫିସ,୨୩।୬

ବାଲେଶ୍ୱର ଜିଲା ସହରରେ ଥିବା ବିଭିନ୍ନ ସ୍ଥାନର ଟିକାକରଣ କେନ୍ଦ୍ରକୁ ବୁଧବାର ବାଲେଶ୍ୱର ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ପରିଦର୍ଶନ କରିଥିଲେ। ଓଡ଼ିଶା ସରକାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ମୁଖ୍ୟମନ୍ତ୍ରୀଙ୍କ ଫଟୋ ଏବଂ ଦସ୍ତଖତ ଥିବା ଏକ ପ୍ରମାଣପତ୍ର ଜିଲା ପ୍ରଶାସନ ପକ୍ଷରୁ ସମସ୍ତଙ୍କୁ ପ୍ରଦାନ କରାଯାଉଥିବାରୁ କେନ୍ଦ୍ରରେ ଉପସ୍ଥିତ କର୍ମଚାରୀଙ୍କ ଉପରେ

### ଟିକାକରଣ କେନ୍ଦ୍ର ପରିଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ

ବିରକ୍ତି ପ୍ରକାଶ କରିଥିଲେ।

କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ ବାଲେଶ୍ୱର ମ୍ୟୁନିସିପାଲିଟି ଅନ୍ତର୍ଗତ ଗାନ୍ଧୀ ସ୍ମୃତିଭବନ ଓ ବଡ଼ଖୁଆ ମଧୁସୂଦନ ଉଚ୍ଚବିଦ୍ୟାଳୟ ଟିକାକରଣ କେନ୍ଦ୍ର ପରିଦର୍ଶନରେ ଯାଇଥିଲେ। ତତ୍‌ସହିତ ଟିକାକରଣ କେନ୍ଦ୍ରରେ ଥିବା ଭାଜପା ‘ହେଲ୍ପ ଡେସ୍କ’ ବୁଲି ଦେଖିଥିଲେ। ପରିଦର୍ଶନ ବେଳେ ସେ ଲୋକମାନଙ୍କ ସହିତ ସିଧାସଳଖ ବାର୍ତ୍ତାଳାପ କରି ସୁବିଧା ଅସୁବିଧା ପଚାରି ବୁଝିଥିଲେ। ଶୃଙ୍ଖଳିତ ଭାବେ ଟିକାକରଣରେ ସହଯୋଗ କରିବା ପାଇଁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ପରିଦର୍ଶନ ସମୟରେ ଜିଲା ସଭାପତି ଉମାକାନ୍ତ ମହାପାତ୍ର, ପୂର୍ବତନ ବିଧାୟକ ଜୀବନପ୍ରଦୀପ ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, ଜିଲା ଟିକାକରଣ ସହାୟତା ସଂଯୋଜକ ଶୁଭଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




ଗାନ୍ଧୀ ସ୍ମୃତି ଭବନ ଟିକାକରଣ କେନ୍ଦ୍ରରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ଫଟୋକୁ ନେଇ ବିରକ୍ତି ପ୍ରକାଶ କରୁଛନ୍ତି।

